# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 August - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ଚନ୍ଦ୍ରଯାନ-୩ର ସଫଳତା ପରେ ଚନ୍ଦ୍ରଯାନ-୪ ଓ ୫ ପାଇଁ ଯୋଜନା କରାଯାଉଛି; କହିଲେ, କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ
- ବିଧାନସଭା ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ସ୍ୱାଭାବିକ; ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଖର୍ଚ୍ଚଦାବି ଆଲୋଚନା
- ଫସଲ ଉତ୍ପାଦନ ଓ ପ୍ରକ୍ରିୟାକରଣକୁ ସହଜ କରିବା ପାଇଁ ଆରମ୍ଭ ହେଲା ଇ-ଚାଷ ଆପ୍ ଓ ପୋର୍ଟାଲ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଯୋଗୁଁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ

## ହକି ସମ୍ବର୍ଦ୍ଧନା

ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳକୁ ଆଜି ଭୁବନେଶ୍ୱର ଲୋକସେବା ଭବନରେ  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଖେଳାଳି ଅମିତରୋହି ଦାସଙ୍କୁ ୪ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏହାସହ ହକି ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୫ ଲକ୍ଷ ଏବଂ ସହାୟକ କର୍ମଚାରୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।  ସୂଚନା ଅନୁସାରେ, ଆଜି ହକି ଦଳ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଖେଳାଳିମାନଙ୍କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଭେଟିଥିଲେ।

## ଚନ୍ଦ୍ରଯାନ-୩

ଚନ୍ଦ୍ରଯାନ-୩ ମାଇଲ୍‌ଖୁଣ୍ଟ ଥିଲା। ଆଗକୁ ଚନ୍ଦ୍ରଯାନ-୪ ଓ ୫ ପାଇଁ ଯୋଜନା କରାଯାଉଛି ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଜ୍ୟମନ୍ତ୍ରୀ (ସ୍ୱତନ୍ତ୍ର ପ୍ରଭାର) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ନୂଆଦିଲ୍ଲୀର ଜାତୀୟ ମିଡିଆ କେନ୍ଦ୍ରରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ ପୂର୍ବରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି,  ଭାରତ ଚନ୍ଦ୍ରରେ ପହଞ୍ଚିଥିବା ଚତୁର୍ଥ ଦେଶ ଏବଂ ଏହାର ଦକ୍ଷିଣମେରୁରେ ପହଞ୍ଚିଥିବା ପ୍ରଥମ ଦେଶ। ସୂଚନା ଅନୁସାରେ, ଚନ୍ଦ୍ରଯାନ-୩ର ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ।

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନର  ଆଜି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଥିଲା । ଏହି ସମୟରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିଲା । ସୂଚନା ଅନୁସାରେ, ଆଜି ଗୃହ ଆରମ୍ଭ ହେବା ମାତ୍ରକେ ବିରୋଧୀ ସଦସ୍ୟମାନେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ହଟ୍ଟଗୋଳ କରିଥିଲେ । ଏଥିପାଇଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଗୃହ ସୁରୁଖୁରୁରେ ଚାଲି ନ ପାରିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

## ବିଧାନସଭା-ବିଜୁଳି

ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଘରେ ଆସନ୍ତାମାସ ଶେଷ ସୁଦ୍ଧା ବିଦ୍ୟୁତ୍ ସେବା ଉପଲବ୍ଧ ହେବ ବୋଲି ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି । ବିଧାୟକ ପବିତ୍ର ସାଉଁଟାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଦ୍ୟୁତୀକରଣ ହୋଇ ନଥିବା ଘରଗୁଡ଼ିକୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବିଜୁଳି ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିସହିତ ବିଜୁଳି ସଂଯୋଗ ପାଇଁ ବିତରକ ସଂସ୍ଥାକୁ ୪୧୫ କୋଟି ଟଙ୍କା ରାଜ୍ୟ ସରକାର ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ବିଧାନସଭା-ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଧାନସଭାରେ ବିଜେପି ପ୍ରାର୍ଥୀ ମମତା ମହନ୍ତ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଏବଂ ବିଧାୟକମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେପି ନେତା ଓ ବିଧାୟକଙ୍କ ଉପସ୍ଥିତିରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ସେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟସଭା ଆସନ ପାଇଁ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା।

## ଇ-ଚାଷ ଆପ୍

ଭୁବନେଶ୍ୱର ଓୟୁଏଟି ପରିସରରେ ଆଜି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଇ-ଚାଷ ଆପ୍ ଓ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, କୃଷି କ୍ଷେତ୍ରରେ ଡିଜିଟାଲ ସର୍ବେକ୍ଷଣ ନୀତି ଆପଣେଇ ଫସଲ ଉତ୍ପାଦନ ଓ ପ୍ରକ୍ରିୟାକରଣକୁ ଏହି ବ୍ୟବସ୍ଥା ସହଜ କରିବ। ଡିଜିଟାଲ ଫସଲ କାର୍ଯ୍ୟକ୍ରମ ସମୃଦ୍ଧ କୃଷକ ନୀତିକୁ ପ୍ରୋତ୍ସାହନ ଯୋଗାଇବା ସହ ଦୁର୍ଗମ ଅଂଚଳରେ ଫସଲର ସଠିକ୍ ତଥ୍ୟ ପ୍ରଦାନ କରିବ। ଏହା ରାଜ୍ୟରେ ପ୍ରଯୁକ୍ତିଭିତ୍ତିକ କୃଷି ସେବାକୁ ତ୍ୱରାନ୍ୱିତ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ଇ-ଚାଷ ଆପ୍ ଓ ପୋର୍ଟାଲ ମାଧ୍ୟମରେ ରାଜ୍ୟର ୪୮ ଲକ୍ଷ ଚାଷୀ ଉପକୃତ ହେବେ। ଏହି ଆପ୍ ଓ ପୋର୍ଟାଲ କୃଷକମାନଙ୍କୁ ଏକ ବିସ୍ତୃତ ସିଙ୍ଗିଲ୍‌ୱିଣ୍ଡୋ ପ୍ଲାଟଫର୍ମ ପ୍ରଦାନ କରିବ। ଏହା ମାଧ୍ୟମରେ ଯେକୌଣସି ସମୟରେ ପାଣିପାଗ ଓ ଫସଲ ସମ୍ବନ୍ଧୀୟ ସୂଚନା ଚାଷୀମାନେ ପାଇପାରିବେ।

## ଡିଜିଟାଲ ଫସଲ ସର୍ବେକ୍ଷଣ

**ନୟାଗଡ଼**ଠାରେ ଆଜି ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସର୍ବେକ୍ଷଣରେ ମନୋନୀତ ଚାଷୀମାନଙ୍କ ନାମ, ଆଧାର, ଚାଷଜମି ଓ ଫସଲ ସମ୍ବନ୍ଧୀୟ ସଠିକ୍ ତଥ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ଚାଷୀମାନେ ପ୍ରଚଳିତ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିଭିନ୍ନ ଯୋଜନାରେ ସାମିଲ ହେବା ସହ ବିଭିନ୍ନ ସୁବିଧାର ସୁଯୋଗ ନେଇପାରିବେ। ଚଳିତବର୍ଷ ଖରିଫଋତୁରେ ସରକାର ଡିଜିଟାଲ ଫସଲ ସର୍ବେକ୍ଷଣ ଅଗଷ୍ଟ ୧୬ ତାରିଖରୁ ସେପ୍ଟେମ୍ବର ୧୫ ମଧ୍ୟରେ ସମସ୍ତ ଜିଲ୍ଲାରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଡିଜିଟାଲ ସ୍କିଲିଂ

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗର କୋର୍ସେରା ସହଭାଗିତାରେ ଡିଜିଟାଲ ସ୍କିଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହାସହ ଆଇଆଇଟି, ନୂଆଦିଲ୍ଲୀର ସହଯୋଗରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅପ୍‌ସ୍କିଲିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଶୁଭାରମ୍ଭ କରି କହିଛନ୍ତି, ଏହାଦ୍ୱାରା ଛାତ୍ରଛାତ୍ରୀମାନେ ରୋଜଗାରକ୍ଷମ ହୋଇପାରିବେ। ଏହି ନୂତନ କାର୍ଯ୍ୟକ୍ରମ ସେମାନଙ୍କୁ ବିଭିନ୍ନ ଶିଳ୍ପରେ ଚାକିରି ପାଇଁ ପ୍ରସ୍ତୁତ ଏବଂ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିପାରିବ। ସୂଚନା ଅନୁସାରେ, କୃତ୍ରିମ ବୁଦ୍ଧିମତ୍ତା ଅପ୍‌ସ୍କିଲିଂ କାର୍ଯ୍ୟକ୍ରମରେ ୪ ହଜାର ଯୁବକଯୁବତୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହା ଖୁବ୍‌ଶୀଘ୍ର କଳାହାଣ୍ଡି, ଭବାନୀପାଟଣା ଓ କଟକରେ ଆରମ୍ଭ ହେବ।

## ମଧ୍ୟାହ୍ନ ଭୋଜନ

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ସ୍କୁଲପିଲାମାନଙ୍କ ମଧ୍ୟାହ୍ନ ଭୋଜନ ସହାୟତାରାଶି ବୃଦ୍ଧି କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମିଲ୍ ପିଛା ୧ ଟଙ୍କା ବୃଦ୍ଧି କରାଯିବ। ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।

## ଡାକ୍ତରଖାନା-ସମୀକ୍ଷା

**ବୌଦ୍ଧ** ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲାରେ ନିର୍ମାଣାଧିନ ୩୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନାର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହାସହ କୋବିଡ୍ କେୟାର ସେଣ୍ଟରରେ ଚାଲିଥିବା ଡାଇଲିସିସ୍ କେନ୍ଦ୍ର ପରିଦର୍ଶନ କରି ରୋଗୀମାନଙ୍କ ସହ କଥା ହୋଇଛନ୍ତି। ଏହି ସମୟରେ ଜିଲ୍ଲାପାଳ ଡାକ୍ତରଖାନାର ନିର୍ମାଣକାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଅଧ୍ୟକ୍ଷା ପଦ ନିର୍ବାଚନ

**କେନ୍ଦ୍ରାପଡ଼ା** ଜିଲ୍ଲା ପରିଷଦର ଅଧ୍ୟକ୍ଷା ପଦ ପାଇଁ ଆସନ୍ତାକାଲି ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତାକାଲି ସକାଳ ୧୦ଟାରୁ ସାଢ଼େ ୧୧ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ଓ ଯାଂଚ ହେବ। ମଧ୍ୟାହ୍ନ ୧୨ଟାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ଏହାପରେ ୧୨ଟାରୁ ୨ଟା ମଧ୍ୟରେ ନିର୍ବାଚନ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ତମାଖୁ ନିୟନ୍ତ୍ରଣ

**କେନ୍ଦ୍ରାପଡ଼ା** ଜିଲ୍ଲାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ସମସ୍ତ ସରକାରୀ କାର୍ଯ୍ୟାଳୟ ପରିସରକୁ ତମାଖୁମୁକ୍ତ କରିବା ପାଇଁ ପଦକ୍ଷେପ ନେବା ଲାଗି ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଅଧିକାର ଆଇନ୍ ତଥା ନ୍ୟାୟ ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଉପରେ ଆଲୋଚନା ହୋଇଥିଲା ।

## ଅଂଗଦାନ

**ଝାରସୁଗୁଡ଼ା** ଜିଲ୍ଲାରେ ଅଂଗଦାନ କରି ଜଣେ ମହିଳା ୪ଟି ଜୀବନ ରକ୍ଷା କରିଛନ୍ତି । ସୂଚନା ଅନୁସାରେ, ୪୨ ବର୍ଷୀୟା ରଶ୍ମିପ୍ରଭାସ ପଟେଲ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ବ୍ରେନ୍‌ଡେଡ୍ ଘୋଷଣା କରିଥିଲେ । ଏହାପରେ ରଶ୍ମିଙ୍କ ପରିବାର ସଦସ୍ୟ ତାଙ୍କ ହୃଦୟ, ଫୁସ୍‌ଫୁସ୍ ଓ କିଡ୍‌ନୀ ଦାନ ପାଇଁ ନିଷ୍ପତ୍ତି ନେଇଥିଲେ ।  ରାଜ୍ୟ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ସହ ଶ୍ରୀମତୀ ପଟେଲଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ବନକଲାଗି ନୀତି

ଭାଦ୍ରବ କୃଷ୍ଣ ତୃତୀୟା ତିଥି ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ

ହେବା ପରେ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର ପୂର୍ବାହ୍ଣ ୧୧ଟାରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ। ଏହା ହେବ 'ମନ୍ କୀ ବାତ୍'ର ୧୧୩ତମ ସଂସ୍କରଣ।

ଆକାଶବାଣୀର ସବୁ କେନ୍ଦ୍ର, ବିବିଧ ଭାରତୀ ସେବା, ଡିଟିଏଚ୍ ସେବା, ଏଫ୍ଏମ୍ ଏବଂ ଆକାଶବାଣୀ ଅଧୀନ ଗୋଷ୍ଠୀ ବେତାର କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଶୁଣିବାକୁ ମିଳିବ। ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଓଡ଼ିଆ ଭାଷାନ୍ତର ପ୍ରସାରଣ କରାଯିବ ଓ ପୁଣି ଥରେ ସେହିଦିନ ରାତି ୮ଟା ସମୟରେ ଓଡ଼ିଆ ଭାଷାନ୍ତର ପ୍ରସାରିତ ହେବ।

## ବଜ୍ରପାତ

ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଯୋଗୁଁ ୬ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛ। ଭଦ୍ରକ ଜିଲ୍ଲାର ଆଗରପଡା ଓ ବନ୍ତ ବ୍ଲକର ଚାରିଗାଁର ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ପଦୁନାଗାଁର ଜଣେ, ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କୁଦୁଆଁ ଗାଁର ଜଣେ, ନୀଳଗିରି ଓଲଡଙ୍ଗର ଜଣେ, କେନ୍ଦ୍ରାପଡ଼ା ସଦରଥାନା ଆୟବା ଗାଁର ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

## ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବାରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*********************************